**କଟିକା ସାହି ପୂଜା କମିଟି ପକ୍ଷରୁ ଦାବିପତ୍ର**

ଗୁଣପୁର,(ଡି.ଏନ୍.ଏ.)- ବଂଶଧାରା ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବିରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ୨୭ ଦିନରେ ପହଞ୍ଚିଛି। ଶୁକ୍ରବାର ଗୁଣପୁର ପୌରାଞ୍ଚଳର କଟିକା ସାହି ପୂଜା କମିଟିର ସଭ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ସଭ୍ୟମାନେ ନୂତନ ବସଷ୍ଟାଣ୍ଡ ଠାରୁ ନିରବ ଶୋଭାଯାତ୍ରାରେ ବାହାରି ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କ ଜରିଆରେ ସହକାରୀ ଜିଲାପାଳ ରାଜେନ୍ଦ୍ର ପ୍ରସାଦ ଚୌଧୁରୀଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାର ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି ହୋଇଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଉମରକୋଟ,୨୭।୮(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବେହେଡ଼ା ପଞ୍ଚାୟତର ରତନଗୁଡ଼ା ଗ୍ରାମରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଗାଁର ଡମ୍ବୁ ଭତ୍ରା(୨୩)। ସୂଚନା ଅନୁଯାୟୀ, ଡମ୍ବୁଙ୍କ ମାନସିକ ସ୍ଥିତି ଭଲ ନ ଥିଲା। ସେ ଅନେକ ସମୟରେ ରାତିରେ ଘରୁ ଚାଲିଯାଆନ୍ତି। ଗୁରୁବାର ରାତିରେ ମଧ ସେ ବାହାରକୁ ଚାଲିଯାଇଥିଲେ। ହେଲେ ସବୁଦିନ ଘରକୁ ଫେରି ଆସୁଥିବାବେଳେ ଗୁରୁବାର ରାତିରେ ଆଉ ଫେରି ନ ଥିଲେ। ସକାଳେ ଗାଁର କେତେଜଣ ଲୋକ ଆସି ଗାଁ ରାସ୍ତାପାର୍ଶ୍ୱ ମହୁଲ ଗଛରେ ଡମ୍ବୁଙ୍କ ମୃତଦେହ ଝୁଲୁଥିବା ସ୍ତ୍ରୀ ପଦ୍ମିନୀଙ୍କୁ ଖବର ଦେଇଥିଲେ। ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଉମରକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏ ନେଇ ନଂ. ୫୯/୨୧ ରେ ଏକ ମାମଲା ରୁଜୁ ହୋଇଛି। ତେବେ ଡମ୍ବୁଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ମାନସିକ ସ୍ଥିତି ଭଲ ନ ଥିବାରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି କୁହାଯାଉଛି।

### ଦିଲୀପଙ୍କୁ ମଦର ଟେରେସା ସେବା ସମ୍ମାନ



ଚନ୍ଦାହାଣ୍ଡି,୨୭।୮(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ସାମାଜିକ କର୍ମୀ ତଥା ଖବରଦାତା ଦିଲୀପ କୁମାର ଦାସ ମଦର ଟେରେସା ସେବା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ମଦର ଟେରେସାଙ୍କ ଜୟନ୍ତୀ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶାକିରଣ ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ବିଶିଷ୍ଟ ଅତିଥିଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପଦାର୍ଥ ବିଜ୍ଞାନୀ ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇ ଦିଲୀପଙ୍କୁ ସମ୍ମାନିତ କରିଥିଲେ। ଏ ନେଇ ଚନ୍ଦାହାଣ୍ଡି ପ୍ରେସ୍ କ୍ଲବର ସଦସ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକୁ ନେଇ ଫାଉଣ୍ଡେଶନ ପକ୍ଷରୁ ପ୍ରତ୍ୟେକ ଜିଲାରୁ ଜଣେ ବ୍ୟକ୍ତିଙ୍କୁ ଏହି ସମ୍ମାନ ନିମନ୍ତେ ଚୟନ କରାଯାଇଥିଲା। ଏଥିରେ ନବରଙ୍ଗପୁର ଜିଲାରୁ ଦିଲୀପ ମନୋନୀତ ହୋଇଥିଲେ।

### ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା



ପାପଡ଼ାହାଣ୍ଡି,୨୭।୮(ଡି.ଏନ୍.ଏ)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତର ହିଁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଫିରୋଜ କୁମାର ଟାକ୍ରୀଙ୍କ କିଛି ଦିନ ତଳେ ପରଲୋକ ଘଟିଥିଲା। ଏଭଳି ପରିସ୍ଥିତିରେ ଏକ୍ସ କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ମୃତ ଶିକ୍ଷକଙ୍କ ପରିବାରକୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ସଂଘର ମହାସଚିବ ହାନେସ ବାଘ, ଜିଲା ସଂଘର ସଭାପତି ସୁଜିତ୍ ପାଢ଼ୀ, ସମ୍ପାଦକ ଦିଲୀପ ସ୍ୱାଇଁ, ବ୍ଲକ ସଂଘର ସଭାପତି ମେଘାସ୍ୱିନ ଜାଲ, ସମ୍ପାଦକ ବସନ୍ତ ନାୟକ, ଲିଙ୍ଗରାଜ ସାହୁ, ପଞ୍ଚାନନ ସାହୁ, ଈଶ୍ୱର ହରିଜନ, ରମେଶ ବେନିୟା, ସଦନ ଗଣ୍ଡା, ଜିହନେସ ପାତ୍ର ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ପଛୁଆ ବର୍ଗଙ୍କ ଜାତିଭିତ୍ତିକ ଜନଗଣନା ଦାବି

**ଯାଦବ ମହାସଭା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ନବରଙ୍ଗପୁର,୨୭।୮(ବି.ପ୍ର.)




ଶୋଭାଯାତ୍ରାରେ ବାହାରିଥିବା ଯାଦବ ମହାସଭାର ସଦସ୍ୟମାନେ ।

ନବରଙ୍ଗପୁର ଜିଲା ଉତ୍କଳ ଯାଦବ ମହାସଭା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯାଦବ ଜାତି ସମଗ୍ର ଭାରତରେ ବୃହତ୍ତମ ଜାତି । ଭାରତରେ ଶତକଡା ୫୨% ଲୋକ ଏହି ଜାତି ଅନ୍ତର୍ଭୁକ୍ତ। କିନ୍ତୁ ଏହା ଉପରେ କୌଣସି ପ୍ରମାଣଭିତ୍ତିକ ତଥ୍ୟ ସରକାରୀ ଦପ୍ତରରେ ଆନୁଷ୍ଠାନିକ ଭାବେ ଉପଲବ୍ଧ ନାହିଁ। ୨୦୧୮ରେ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହ ଜାତିଭିତ୍ତିକ ଜନଗଣନା କରିବାକୁ ପାର୍ଲାମେଣ୍ଟରେ ଘୋଷଣା କରିଥିଲେ। ୨୦୨୧ ଏପ୍ରିଲରେ ପଛୁଆ ବର୍ଗଙ୍କ ପାଇଁ ଜାତୀୟ ଆୟୋଗ ମଧ ୨୦୨୧ ଜନଗଣନାରେ ଓବିସି ସମ୍ପ୍ରଦାୟ ଏବଂ ଜାତିଭିତ୍ତିକ ଜନଗଣନାକୁ ଅନ୍ତର୍ଭୁକ୍ତ କରିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ। ତେଣୁ ୨୦୨୧ ଜନଗଣନାରେ ଜାତିଭିତ୍ତିକ ଗଣନା କରିବା ସହ ଓବିସି ସମ୍ପ୍ରଦାୟକୁ ଏଥିରେ ଅନ୍ତର୍ଭୁକ୍ତ କରିବାକୁ ନବରଙ୍ଗପୁର ଜିଲା ଉତ୍କଳ ଯାଦବ ମହାସଭା ପକ୍ଷରୁ ଦାବି ହୋଇଛି। ଏଥିସହ ଶିକ୍ଷା ଓ ଚାକିରି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଯାଦବ ମହାସଭାର ସାଧାରଣ ସମ୍ପାଦକ ପର୍ଶୁରାମ ନାୟକ, ସଭାପତି କାର୍ତ୍ତିକ ଚନ୍ଦ୍ର ବାଗ, କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନଙ୍କ ସମେତ ଶତାଧିକ ସଭ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୧୧ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ, ୮ର ଶିଳାନ୍ୟାସ



ନବରଙ୍ଗପୁର ଏମ୍‌ପି ଓ ବିଧାୟକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ।

**ଏମ୍‌ପି, ବିଧାୟକଙ୍କ ଗସ୍ତ**

ଝରିଗାଁ,୨୭।୮(ସ୍ୱ.ପ୍ର)

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଶୁକ୍ରବାର ଝରିଗାଁ ବ୍ଲକ ଗସ୍ତରେ ଯାଇ ୧୨ ପଞ୍ଚାୟତରେ ୧୧ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ୮ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବାଣୁଆଗୁଡ଼ା ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଏବଂ ଦେଉଳକଣା ଗ୍ରାମଠାରେ କଲ୍ୟାଣ ମଣ୍ଡପ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୁତ୍ରିଛାପ ପଞ୍ଚାୟତ ସଦରଠାରେ କୌଶଳ ବିକାଶ କେନ୍ଦ୍ର ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି କଲେଗାଁ, ବାଞ୍ଜିଆମ୍ବା, କରମରୀ, ନିରୋଣ୍ଡି, ଡଙ୍ଗରିଗୁଡ଼ା, ଏବଂ ଧୋଡ୍ରାଠାରେ ଆଖାଡ଼ା ଗୃହର ଶୁଭାରମ୍ଭ କରିଥିଲେ। ପରେ ଧନପୁରଠାରେ ଦୋକାନ ଗୃହର ଶୁଭାରମ୍ଭ ହୋଇଥିଲା। ବେଲଗାଁ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୃହର ଶୁଭାରମ୍ଭ କରିଥିଲେ। ଏହାପରେ ଏକମ୍ବା, ଚାଟିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ସକାଶେ ଶିଳାନ୍ୟାସ ଏବଂ ବକଡ଼ାବେଡ଼ା ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହର ଶୁଭାରମ୍ଭ କରାଯାଇଥିଲା। ଡଙ୍ଗରିଗୁଡ଼ା ଏବଂ ଚାଟିଗୁଡ଼ା ପଞ୍ଚାୟତ ସଦରଠାରେ ପନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ଏଥିସହ ଗୁରୁସିଙ୍ଗା ପଞ୍ଚାୟତର କୁସୁମି, ବେଲଗାଁ ସଦର ଏବଂ ଧାମନାଗୁଡ଼ା ପଞ୍ଚାୟତ ସଦର ଠାରେ ନୂତନ ଭାବେ ଆର୍‌ଆଇଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟ ରଞ୍ଜନ ଦାସ, ବିଧାୟକଙ୍କ ବ୍ଲକ ପ୍ରତିନିଧି ରାମଧର ମାଝି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମୁଲା ଗଣ୍ଡ, ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଳା ପନକା, ବିଡିଓ ସତ୍ୟ ନାରାୟଣ ମେହେର, ତହସିଲଦାର ହୃଷିକେଶ ଗଣ୍ଡ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରୀୟଙ୍କା ଗଣ୍ଡ, ଡାକ୍ତର ପ୍ରକାଶ ନାୟକ, ଉଦୟନାଥ ନାୟକ, ଟିକଚାନ୍ଦ ମାଝି, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଦୁର୍ଗା ପ୍ରସାଦ ମାଝିଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପଦ୍ମପୁର ସିଏଚ୍‌ସିରେ କାୟାକଳ୍ପ ଟିମ୍

**ବିଭିନ୍ନ ବିଷୟରେ ଅନୁଧ୍ୟାନ କଲେ**

ପଦ୍ମପୁର,୨୭।୮(ଡି.ଏନ୍.ଏ.)–

ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ଶୁକ୍ରବାର ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ପରିଦର୍ଶନ କରିଛନ୍ତି। ଅପରାହ୍ନରେ ଯୁଗ୍ମ ନିର୍ଦ୍ଦେଶକ(କ୍ୱାଲିଟି ଆସ୍ୟୁରାନ୍ସ) ଡା. ବିଜୟ ସ୍ୱାଇଁ, କନ୍‌ସଲ୍‌ଟାଣ୍ଟ(କ୍ୱାଲିଟି ଆସ୍ୟୁରାନ୍ସ) ଡା. ମନୋରଞ୍ଜନ ମହାପାତ୍ର, କନ୍‌ସଲଟାଣ୍ଟ(ଏନ୍‌ୟୁଏଚ୍‌ଏମ୍) ସୁକାନ୍ତ ସ୍ୱାଇଁଙ୍କ ସମେତ ରାୟଗଡ଼ା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡିଏମ୍‌ଆର୍‌ସିଏଚ୍‌ର ଭଗବାନ ମେହେର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ମନୋଜ ପଣ୍ଡା, ଡା. ସଞ୍ଜୟ ନାୟକ, ଡା. ରାମକୃଷ୍ଣ ଧଳ, ଜୟଦେବ ନିମାଳପୁରୀ ଓ ଉଦୟ ଚନ୍ଦ୍ର ଶବର ପ୍ରମୁଖ ଉପସ୍ଥିତ ଥିଲେ। କାୟାକଳ୍ପ ଟିମ୍ ରୋଗୀଙ୍କ ୱାର୍ଡ, ସ୍ତ୍ରୀ ଓ ପ୍ରସୂତି କକ୍ଷ ବୁଲିବା ସହ ସ୍ୱଚ୍ଛତାକୁ ନେଇ ଅନୁଧ୍ୟାନ କରିଥିଲେ। ସେହିପରି ମେଡିକାଲ ପରିସରରେ ଔଷଧୀୟ ବୃକ୍ଷରୋପଣ ଏବଂ ସୌନ୍ଦର୍ଯ୍ୟକରଣ ଦେଖିଥିଲେ। ନିରାମୟ କେନ୍ଦ୍ରକୁ ଯାଇ ରେକର୍ଡ ଯାଞ୍ଚ କରିବା ସହ ବିଭିନ୍ନ ବିଷୟରେ ରୋଗୀଙ୍କୁ ପଚାରି ବୁଝିଥିଲେ।




ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା ଟିମ୍ ସଦସ୍ୟମାନେ ।

# ମହିଳା ପର୍ଯ୍ୟବେକ୍ଷକଙ୍କ ଆଗମନରେ ନେତୃତ୍ୱ ସମ୍ମିଳନୀ



ଡାବୁଗାଁ,୨୭।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ନିମନ୍ତେ ମୁଖ୍ୟମନ୍ତ୍ରୀ ମହିଳା ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ଡାବୁଗାଁ ନିର୍ବାଚନ ମଣ୍ଡଳୀ ପାଇଁ ମହିଳା ପର୍ଯ୍ୟବେକ୍ଷକ ଭାବେ ନାରୀ ନେତ୍ରୀ ପୁଷ୍ପାଞ୍ଜଳି ପାଣ୍ଡେଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅବସରରେ ଶୁକ୍ରବାର ଡାବୁଗାଁ ଶ୍ରୀନିବାସ କଲ୍ୟାଣ ମଣ୍ଡପଠାରେ ନେତୃତ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା ସଭାନେତ୍ରୀ ମଞ୍ଜୁଳା ମାଝିଙ୍କ ସଭାପତିତ୍ୱରେ ମହିଳା ପର୍ଯ୍ୟବେକ୍ଷକ, ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରିଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା ଓ ଅନ୍ୟ ନାରୀନେତ୍ରୀମାନେ ଉପସ୍ଥିତ ଥିଲେ। ଆଗାମୀ ତ୍ରିସ୍ତରୀୟ ନିର୍ବାଚନ ନିମନ୍ତେ ମହିଳାଙ୍କ ପାଇଁ ମହିଳା ନେତୃତ୍ୱର ଆବଶ୍ୟକତା ରହିଥିବାରୁ ମହିଳା ନେତୃତ୍ୱ ସମ୍ମିଳନୀର ଆୟୋଜନ କରାଯାଇଥିଲା। ରାଜନୀତିରେ ମହିଳା ମାନଙ୍କ ଭୂମିକା, କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା। ମହିଳାମାନେ ନିଜ ନିଜ ଗ୍ରାମରେ ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନା ପହଞ୍ଚାଇବା ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ରନ୍ଧାରି ଜନ ହିତକର ଯୋଜନା ଉପରେ ସମସ୍ତ ମହିଳା ନେତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ଏବେଠାରୁ ମହିଳା ନେତୃତ୍ୱ ଜାଗ୍ରତ ହେଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇପାରିବା ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ ଓ ଅନ୍ୟ କର୍ମୀ ପରିଚାଳନାରେ ସହଯୋଗ କରିଥିଲେ।

# ସରକାରୀ ଯୋଜନାକୁ ନେଇ ଡିଏଲ୍‌ଏସ୍‌ଏର ସଚେତନତା

ରାୟଗଡ଼ା ଅଫିସ,୨୭।୮

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାକୁ ନେଇ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏଲ୍‌ଏସ୍‌ଏର ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ୍ ବିକ୍ରମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ଅନ୍‌ଲାଇନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଧିକରଣର ସମ୍ପାଦକ ମନୋରଞ୍ଜନ ମିଶ୍ର ଏହାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପରିବାର ଅଦାଲତର ବିଚାରପତି ଆଶିଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲା ଦୌରା ଜଜ୍ ତିରଞ୍ଜନ ପାତ୍ର, ଆଡ୍‌ହକର ଅତିରିକ୍ତ ଜିଲା ଦୌରା ଜଜ୍(ଫାଷ୍ଟ ଟ୍ରାକ୍) ଗଣେଶ୍ୱର ପତି, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ହିମାଂଶୁ ଶେଖର ବ୍ରହ୍ମା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ, ରେଜିଷ୍ଟ୍ରାର ପ୍ରତିମା ପାତ୍ର, ବରିଷ୍ଠ ଦେୱାନି ବିଚାରପତି ସତରୁପା ଶତପଥୀ, ମହିଳା କୋର୍ଟ ବିଚାରପତି ସୋନାଲ ଶର୍ମା, ଅନୁବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରଥମ ଶ୍ରେଣୀ ବିଚାରପତି ଗୁରୁଚରଣ ଜେନାମଣି, ଗ୍ରାମ୍ୟ ନ୍ୟାୟଧିକାରୀ ସୁଭାଷିନି ବେହେରା, ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଡିଏସ୍‌ଏସ୍‌ଓ ଭିକ୍ଟୋରିଆ କୁଲୁ, ପ୍ରୋଟେକ୍‌ସନ ଅଫିସର କାମାକ୍ଷା ପାଢ଼ୀ, ରାୟଗଡ଼ା ବିଇଓ ଲକ୍ଷ୍ମୀ ନାରାୟଣ ସାବତ, ତହସିଲଦାର ଉମାଶଙ୍କର ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ପାରା ଲିଗାଲ ଭଲ୍ୟୁଣ୍ଟିୟର୍ସ, ପ୍ୟାନେଲ ଓକିଲ ଓ ଆଇନ ସଚେତନତା କ୍ଲବର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବକ୍ତାମାନେ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ଯୋଜନା ଗୁଡ଼ିକ ବିଷୟରେ ଅବଗତ କରାଇବା ସହ ହିତାଧିକାରୀମାନେ କିପରି ଏ ବିଷୟରେ ଅଧିକ ଜାଣିବା ସହ ସୁଫଳ ପାଇପାରିବେ ସେ ନେଇ ବୁଝାଇଥିଲେ।

# ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କଲେ ମନ୍ତ୍ରୀ, ବିଧାୟକ

ରାମନାଗୁଡ଼ା,୨୭।୮(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ରାମନାଗୁଡ଼ା ଶିଶୁ ମନ୍ଦିରର ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। ପରେ ରାମନାଗୁଡ଼ା ପଞ୍ଚାୟତ ସମିତି ବୈଠକ ଗୃହକୁ ଉଦ୍‌ଘାଟନ କରିଥିଲେ। ପେଣକାମ ପଞ୍ଚାୟତରେ ମଧ୍ୟାହ୍ନଭୋଜନ ଓ କମ୍ୟୁନିଟି ହଲ୍ ଉଦ୍‌ଘାଟନ କରିଥିଲେ। ଏହାପରେ ଉକାମ୍ବାଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ଗୃହ, ଡାଙ୍ଗୁଗୁଡ଼ାଠାରେ କମ୍ୟୁନିଟି ଗୃହ ଓ ଗୁମୁଡ଼ାଠାରେ ଅଙ୍ଗନୱାଡି ଗୃହ ଉଦ୍‌ଘାଟନ କରିଥିଲେ। ସେଠାରୁ ଗୁଡାରି ଯାଇ ଦଳୀୟ ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ, ଜିଲା ବିଜେଡି ସମ୍ପାଦକ ଗଗନ ଆଚାର୍ଯ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗି, ଉପାଧ୍ୟକ୍ଷ ସୂର୍ଯ୍ୟରାଓ କୁମ୍ଭିରିକା, ଜିଲା ଛାତ୍ର ବିଜେଡି ସଭାପତି ପିଙ୍କୁ ପଣ୍ଡା, ବିଡିଓ ବେଣୁଧର ଶବର, ପୂର୍ବତନ ଅଧ୍ୟକ୍ଷା ସୁଜାତା ମାଣ୍ଡାଙ୍ଗି, ବିଇଓ ସୁଜନ ମଲିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ବ୍ଲକସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ଓ ଅନ୍ୟମାନେ।

# ତୃତୀୟ ଲହରକୁ ନେଇ ବ୍ୟବସ୍ଥାର ଅନୁଧ୍ୟାନ

**କୋଭିଡ୍ ହସ୍ପିଟାଲରେ ଭାଜପା ମହିଳା ମୋର୍ଚ୍ଚା ଟିମ୍**

ରାୟଗଡ଼ା ଅଫିସ, ୨୭।୮

ରାଜ୍ୟ ଭାଜପା ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ରାୟଗଡା ଭାଜପା ମହିଳା ମୋର୍ଚ୍ଚାର ସଭାନେତ୍ରୀ ରଞ୍ଜନା ଉପାଧ୍ୟାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜେକେପୁର କୋଭିଡ୍ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ତୃତୀୟ ଲହର ପାଇଁ ରାଜ୍ୟ ସରକାର କେତେ ସଜାଗ ଅଛନ୍ତି ଏବଂ କୋଭିଡ୍ ହସ୍ପିଟାଲରେ କିଭଳି ବ୍ୟବସ୍ଥା କରିଛନ୍ତି ତାହାର ଅନୁଧ୍ୟାନ କରିଥିଲେ। ଏହି ସମୟରେ ସାଧାରଣ ସମ୍ପାଦିକା ଲକ୍ଷ୍ମୀ କୁମାରୀ ସିଂ, ସମ୍ପାଦିକା ପିଙ୍କି ମହାପାତ୍ର ଏବଂ ଇନ୍ଦିରା ବାଉରି ଉପସ୍ଥିତ ଥିଲେ। ଅନୁଧ୍ୟାନ ସମୟରେ ହସ୍ପିଟାଲରେ ମେଶିନର ଅଭାବ, ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇବାକୁ ନର୍ସଙ୍କ ଅଭାବ ଏବଂ ନର୍ସିଂ କର୍ମଚାରୀଙ୍କୁ ଠିକ୍‌ଭାବେ ଦରମା ମିଳୁ ନ ଥିବା ଜାଣିବାକୁ ପାଇଥିବା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୂଚନା ଦେଇଛନ୍ତି।

# କିଷାନ ସଭାକାର୍ଡ ନାମରେ ଠକେଇ ଘଟଣାର ହେବ ତଦନ୍ତ

ଗୁଣପୁର,୨୭।୮(ଡି.ଏନ.ଏ)

କିଷାନ ସଭାକାର୍ଡ ନାମରେ ରାୟଗଡା ଜିଲା ଗୁଣପୁର ଅଞ୍ଚଳରୁ ଲକ୍ଷାଧିକ ଟଙ୍କା ଠକେଇ ଖବର ପ୍ରକାଶ ପାଇବା ପରେ କୃଷିବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଘଟଣାର ତଦନ୍ତ କରିବା ପାଇଁ ଗୁଣପୁର ଏସଡିପିଓଙ୍କୁ କୃଷିବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, କେତେକ ଲୋକ ଚାଷୀଙ୍କ ନିକଟକୁ ଆସି କିଷାନ ସଭାକାର୍ଡ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନାଗୁଡିକରୁ ଲାଭ ମିଳିବ ବୋଲି ପ୍ରଲୋଭନ ଦେଖାଇଥିଲେ। ଏଥିରେ ଚାଷୀମାନେ ବିଶ୍ୱାସ କରି କିଷାନ ସଭାକାର୍ଡ କରିଥିଲେ। ଏହି କାର୍ଡ ବାବଦରେ ଜଣଙ୍କଠାରୁ ୨୦୦ ଟଙ୍କା ଲେଖାଏ ଆଦାୟ କରାଯାଇଥିଲା। ଏନେଇ କେତେକ ଚାଷୀଙ୍କ ମଧ୍ୟରେ ସନ୍ଦେହ ଉପୁଜିବାରୁ ଘଟଣା ପ୍ରଘଟ ହୋଇଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ କୃଷି ବିଭାଗ ଘଟଣାକୁ ଗୁରୁତର ସହ ନେଇଥିଲା।

# ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ କଂଗ୍ରେସ,ଭାଜପା

ବିଷମକଟକ,୨୭।୮(ଡି.ଏନ.ଏ.)

ରାୟଗଡାର ଜଣେ ଦୁର୍ନୀତିଗ୍ରସ୍ତ ଅବକାରୀ କନଷ୍ଟେବଲ ସୁଶାନ୍ତ କୁମାର ପାତ୍ରଙ୍କୁ ବିଭିନ୍ନ କଳା କାରନାମାରେ ଘଷ୍ଟି ଘୋଡାଉଥିବା ଓ ଅନୈତିକ କାମରେ ସହଯୋଗ ଦେଇ ଆସୁଥିବା ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଇସ୍ତଫା ଦାବି କରିଛି କଂଗ୍ରେସ ଓ ଭାଜପା। ଗୁରୁବାର ଚୋରା ମଦ ବେପାରୀ ଓ ଅବକାରୀ ବିଭାଗ ମଧୁଚନ୍ଦ୍ରିକାରେ ମନ୍ତ୍ରୀ ସାରକା ଏବଂ ଜିଲାର ଅନେକ ବିଜେଡି ନେତାଙ୍କ ସମ୍ପୃକ୍ତି ଥିବା ନେଇ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ ସମ୍ପୃକ୍ତ କନଷ୍ଟେବଲ ପାତ୍ରଙ୍କ ସ୍ତ୍ରୀ ପ୍ରଜ୍ଞା ପାରମିତା ଗରାବଡୁ। ମନ୍ତ୍ରୀ ସାରକାଙ୍କ ବାହୁଛାୟା ତଳେ ରହି କନଷ୍ଟେବଲ ପାତ୍ର ବିଭିନ୍ନ ଦୁର୍ନୀତି କାର୍ଯ୍ୟରେ ଲିପ୍ତ ରହି ମନ୍ତ୍ରୀଙ୍କୁ ନିୟମିତ ଭାବେ ଉପହାର ସ୍ୱରୂପ ବିଭିନ୍ନ ସାମଗ୍ରୀ ଦେଉଥିବା ପାରମିତା କହିଥିଲେ। ତାଙ୍କର ଏପରି ଅଭିଯୋଗ ପରେ ଜିଲାରେ ରାଜନୀତି ସରଗରମ ହୋଇ ଉଠିଛି। ଶୁକ୍ରବାର ବିଷମ କଟକଠାରେ ବ୍ଲକ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ରାଜ୍ୟ ସରକାର ଯଦି ମନ୍ତ୍ରୀ ସାରକାଙ୍କୁ ବହିଷ୍କାର ନ କରନ୍ତି ତେବେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ବ୍ଲକ କଂଗ୍ରେସ ସଭାପତି ବିଜୟ କିଶୋର ପଟ୍ଟନାୟକ, ରାଜ୍ୟ ଯୁବକଂଗ୍ରେସ ସମ୍ପାଦକ ମାନସ ରଞ୍ଜନ ବେହେରା, ଜିଲା ଛାତ୍ର କଂଗ୍ରେସ ସଭାପତି ନିଖିଲ ପଟ୍ଟନାୟକ, ମୁନିଗୁଡା ବ୍ଲକ କଂଗ୍ରେସ ସଭାପତି ନିଳାମ୍ବର ବିଭାର, ଏମ୍‌ପି ପ୍ରତିନିଧି ଚନ୍ଦ୍ରଶେଖର କୌଶଲ୍ୟା ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଶୁକ୍ରବାର କଂଗ୍ରେସ ସହ ସ୍ୱର ମିଳାଇ ବିକ୍ଷୋଭକୁ ଓହ୍ଲାଇଛି ଭାଜପା। ସ୍ଥାନୀୟ ନେତାଜୀ ଛକରେ ଭାଜପା ବିକ୍ଷୋଭ ପ୍ରଦର୍ଶନ କରି ମନ୍ତ୍ରୀ ସାରକାଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି ଦଳର କର୍ମକର୍ତ୍ତାମାନେ। ବିଗତ ଦିନରେ ମନ୍ତ୍ରୀ ଜଗନ୍ନାଥ ସାରକା ରତ୍ନ ପଥର କେଲେଙ୍କାରୀରେ ସମ୍ପୃକ୍ତ ଥିଲେ। ଏବେ ସେ ମଦ କାରବାରରେ କଳା ବେପାରୀଙ୍କୁ ସହାୟତା ଦେଉଥିବା ଭାଜପା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଶିବଶଙ୍କର ଉଲାକା, ରାମଚନ୍ଦ୍ର ବେହେରାଙ୍କ ସମେତ ବରିଷ୍ଠ ନେତାମାନେ ଚେତାବନୀ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ଓ ଅନ୍ୟମାନେ ।

# ୩୦ କୁମ୍ଭକାରଙ୍କୁ ମାଟି ସାମଗ୍ରୀ ପ୍ରସ୍ତୁତି ତାଲିମ

**ଉନ୍ନତ ଧରଣର ଭାଟି ଶୁଭାରମ୍ଭ**

ନବରଙ୍ଗପୁର,୨୭।୮(ବି.ପ୍ର.)

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ ଜରିଆରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ତଣ୍ଡାଗୁଡ଼ାଠାରେ ଉନ୍ନତ ଧରଣର କୁମ୍ଭାରଭାଟି ନିର୍ମାଣ କରାଯାଇଛି। ଶୁକ୍ରବାର ପରୀକ୍ଷାମୂଳକ ଭାବେ ଏହାର କାର୍ଯ୍ୟ ଆରମ୍ଭ କରାଯିବା ସହ ୩୦ ଜଣ କୁମ୍ଭକାରଙ୍କୁ ତାଲିମ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ଆଧୁନିକ ଜ୍ଞାନକୌଶଳ ବିନିଯୋଗରେ ନିର୍ମିତ ଏହି ଭାଟିର ବ୍ୟବହାର ଦ୍ୱାରା ନବରଙ୍ଗପୁର ଜିଲାର କୁମ୍ଭକାର ପରିବାର ଅଧିକ ଲାଭବାନ୍ ହୋଇପାରିବେ ବୋଲି କହିଛନ୍ତି। ଏହା ସାହାଯ୍ୟରେ ଉନ୍ନତ ମାନର ମାଟି ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ବୋଲି ସେ କହିଛନ୍ତି। ଆଇଏମ୍‌ଏମ୍‌ଟିର ବରିଷ୍ଠ ବୈଜ୍ଞାନିକ ଦେବବ୍ରତ ସିଂ ଯୋଗଦେଇ ଏହି ଭାଟି ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ମାଟି ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ବୋଲି କହିଛନ୍ତି। ଏହା ବ୍ୟତୀତ ପାଣି ଫିଲ୍‌ଟରରେ ବ୍ୟବହୃତ କ୍ୟାଣ୍ଡେଲ ମଧ ପ୍ରସ୍ତୁତ କରାଯାଇପାରିବ ବୋଲି ସେ କହିଛନ୍ତି। ହସ୍ତଶିଳ୍ପ ବିଭାଗ ସହାୟକ ନିର୍ଦ୍ଦେଶକ ଲୁଲୁମ୍ବା ସିଂ ଧାରୁଆ ଉପସ୍ଥିତ ରହି ନୂତନ ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦେବାକୁ କହିଥିଲେ। କ୍ରିୟାନ୍ୱୟନ କମିଟିର ସଦସ୍ୟ ଲକ୍ଷ୍ମୀନାରାୟଣ ବକ୍ସି ନୂତନ ଡିଜାଇନ ତିଆରି କରିବା ଦିଗରେ ପ୍ରୟାସ କରିବାକୁ ଆହ୍ୱାନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମକୁ ଆଇଏମ୍‌ଏମ୍‌ଟିର ବୈଷୟିକ ଅଧିକାରୀ ଏ. କେ. ଶାନ୍ତ ପରିଚାଳନା କରିଥିଲେ। ଏହି ଅବସରରେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ ଏବଂ ଓର୍‌ମାସର ଉପ କାର୍ଯ୍ୟନିର୍ବାହୀ ଏ. ଉମା ମହେଶ ଉପସ୍ଥିତ ଥିଲେ।



କୁମ୍ଭାର ଭାଟି ଉଦ୍‌ଘାଟନ କରାଯାଉଛି।

## ୮୦ ହିତାଧିକାରୀଙ୍କୁ ମିଳିଲା ସ୍ମାର୍ଟ କାର୍ଡ

ମାଲକାନଗିରି, (ଡି.ଏନ.ଏ.) - ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ନାଲାଗୁଣ୍ଡି ପଞ୍ଚାୟତର ଏମ୍.ପି.ଭି-୩୬ ଗ୍ରାମରେ ଶୁକ୍ରବାର ୮୦ ଜଣ ମହିଳା ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ ବୀମା ସ୍ମାର୍ଟ କାର୍ଡ ବିତରଣ କରାଯାଇଛି। ଏଥିରେ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି, ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ସାଧାରଣ ସମ୍ପାଦକ ଗୋପାଳ ପଣ୍ଡା, ମାନମକୋଣ୍ଡା ସରପଞ୍ଚ ହରି ଗୋଲରି, ପରାମର୍ଶଦାତା ରାଜେନ୍ଦ୍ର ପଣ୍ଡା, ଅନୁପ ମିସ୍ତ୍ରୀ, ଶଙ୍କର ହାଲଦାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାକୁ ଆସି ଏହି ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ୨୧ରୁ ଜିଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରେ ଏହି ସ୍ମର୍ଟକାର୍ଡ ବଣ୍ଟନ କରାଯାଉଛି।



**ସଂକ୍ଷେପରେ**

## ସରକାରୀ ଯୋଜନାରୁ ସୁଫଳ ପାଉନାହାନ୍ତି ଆଲାଦିନୀ



ଦଶମନ୍ତପୁର,୨୭।୮(ଡି.ଏନ୍.ଏ. )-ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇ ପିଲାଙ୍କୁ ଧରି ବଞ୍ଚିବାର ରାହା ଖୋଜୁଛନ୍ତି ବିଧବା ମହିଳା ଆଲାଦିନୀ। ୬ମାସର ଓ ୫ବର୍ଷର ଦୁଇ ସନ୍ତାନଙ୍କୁ ଧରି କିପରି ଚଳିବେ ସେହି ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି ସେ। ବୃଦ୍ଧାବୃଦ୍ଧ ଶାଶୁଶ୍ୱଶୁର ଏ ବୟସରେ ଗାଁ ଗାଁ ବୁଲି ବେପାର କରି ଯାହା ଆଣନ୍ତି ସେଥିରେ ୫ପ୍ରାଣୀର ପରିବାର ଚଳେ। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତର ହରିଜନ ସାହିରେ ବସବାସ କରୁଥିଲେ ଦିଲୀପ ଖୋରାଙ୍କ ପୁଅ ବିଶ୍ୱଜିତ। କୁଲିମଜୁରି କରି ବିଶ୍ୱଜିତ ପରିବାର ଚଳାଉଥିଲେ। ମାତ୍ର ଏକ ଅଜଣା ରୋଗରେ ତାଙ୍କ ମୃତ୍ୟୁ ହେବା ପରେ ଅସହାୟ ହୋଇପଡିଛନ୍ତି ତାଙ୍କ ପରିବାର। ସ୍ୱାମୀଙ୍କ ମୃତ୍ୟୁର ତିନିମାସ ବିତିଯାଇଥିଲେ ହେଁ ଆଲାଦିନୀଙ୍କୁ ବିଧବା ଭତ୍ତା ଓ ସରକାରଙ୍କ ପରିବାର ମଙ୍ଗଳ ଯୋଜନାରୁ ଏଯାଏ ସହାୟତା ମିଳିପାରିନାହିଁ। ଏନେଇ ଅନେକ ଥର ସ୍ଥାନୀୟ ସରପଞ୍ଚ ସନାଇ ମୁଦୁଲି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) କେତନ ହାଲୁଓ୍ୱାଙ୍କୁ ସେ ଜଣାଇଥିଲେ ମଧ କେହି ପଦକ୍ଷେପ ନେଇନାହାନ୍ତି। ଆଲାଦିନୀଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମୁଦୁଲି ଓ ପିଇଓ ହାଲୁଓ୍ୱାଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା।

## କଳାବଜାର ସନ୍ଦେହରେ ସାର ଟ୍ରକ୍ ଅଟକ ରଖିଲେ ଚାଷୀ



ଜୟପୁର, ୨୭।୮ (ନି.ପ୍ର.)- ସାର କଳାବଜାର ହେଉଥିବା ନେଇ ବିଗତ ଦିନରେ ଏହାର ପ୍ରତିବାଦ କରି ଚାଷୀ ରାସ୍ତାରୋକୋ, ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଜୟପୁର ଆର୍‌ସିଏମ୍‌ଏସ୍‌ରୁ କୁମୁଲିପୁଟ ଲ୍ୟାମ୍ପସକୁ ୩ ଶହ ବସ୍ତା ୟୁରିଆ ସାର ବୋଝେଇ ହୋଇ ଏକ ଟ୍ରକ୍ ବାହାରିଥିଲା। ତେବେ ଟ୍ରକ୍‌ଟି କୁମୁଲିପୁଟ ଲ୍ୟାମ୍ପସ ନ ଯାଇ କେକ୍ ପେଟ୍ରୋଲ ପମ୍ପଠାରେ ଅଟକିଥିଲା। ସାର ବୋଝେଇ ଟ୍ରକ୍‌କୁ ଦେଖି ଗାଡ଼ିଚାଳକଙ୍କୁ ପଚାରିବାରୁ ସାର କାମତା ଲ୍ୟାମ୍ପ ଯାଉଥିବା କହିଥିଲେ। ଫଳରେ ଚାଷୀମାନେ ସାରର କଳାବଜାର ସନ୍ଦେହକରି ଏହି ଟ୍ରକ୍‌କୁ ଅଟକ ରଖି ପ୍ରତିବାଦ କରିଥିଲେ। ଏନେଇ କୁମୁଲିପୁଟ ଲ୍ୟାମ୍ପସ୍ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ତାଙ୍କ ଲ୍ୟାମ୍ପସକୁ ସାର ଆସୁ ନ ଥିବା କହିଥିଲେ। ଅନ୍ୟପକ୍ଷରେ କୁମୁଲିପୁଟ କହି ସାର କାମତା ନେବା ସନ୍ଦେହ ସୃଷ୍ଟି କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଚାଷୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ସାର ନ ପାଇ ଚାଷୀ ଚଢ଼ା ଦରରେ କିଣୁଥିବା ବେଳେ ବିଭାଗ ଚାଷୀଙ୍କୁ ସାର ନ ଦେଇ ବ୍ୟବସାୟୀଙ୍କୁ ଯୋଗାଇ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି।

# ଟିପ୍ପର, ଟ୍ରାକ୍ଟର ମାଲିକ ସଂଘ ଘେରିଲେ ଜିଲାପାଳଙ୍କ କାର୍ଯ୍ୟାଳୟ

କୋରାପୁଟ,୨୭।୮(ସ୍ୱ.ପ୍ର.)

ଲଘୁ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଟିପ୍ପର ଓ ଟ୍ରାକ୍ଟର ଉପରେ ରୟାଲିଟି ନ ଥିବା ଦର୍ଶାଇ ତହସିଲଦାରମାନେ ଅତ୍ୟଧିକ ଆର୍ଥିକ ଜରିମାନା ଆଦାୟ କରଛନ୍ତି। ଏହାର ପ୍ରତିବାଦ କରି ସେମିଳିଗୁଡା ଟିପ୍ପର୍ ଓ ଟ୍ରାକ୍ଟର ମାଲିକ ସଂଘ ଗତ ତିନିଦିନ ଧରି ପରିବହନ ବନ୍ଦ କରିବା ସହ ସଂଘ ଅଫିସ୍ ସମୁଖରେ ଧାରଣା ଦେଇଥିଲା। ଶୁକ୍ରବାର ସଂଘ ସ୍ଥାନୀୟ କଳାନିକେତନ ଛକଠାରୁ ଏକ ଶୋଭାଯାତ୍ରାରେ ଆସି କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ପ୍ରଦାନ କରଛି। ସଂଘ ସଭାପତି ତ୍ରିପତି ପାଣିଗ୍ରାହୀ, ଉପସଭାପତି ସନ୍ତୋଷ ଶତପଥୀ, ସମ୍ପାଦକ ମୁକେଶ ପାତ୍ର, କୋଷାଧ୍ୟକ୍ଷ ସଞ୍ଜୟ ପଣ୍ଡା, ଯୁଗ୍ମ ସମ୍ପାଦକ ରୁଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଗାଡି ମାଲିକମାନଙ୍କ ଅଭିଯୋଗ ଅନୁଯାୟୀ, ସରକାର କ୍ରସର୍ ମାଲିକ ମାନଙ୍କୁ ଯେଉଁ ପଥର ଖାଦାନ୍ ଲିଜ୍ ସୂତ୍ରରେ ଦେଉଛନ୍ତି ସେହି କ୍ଷେତ୍ରରେ କ୍ରସର୍ ମାଲିକ ଖାଦନରୁ କ୍ରସରକୁ ପଥର ନେବାକୁ ରୟାଲିଟି ରସିଦ୍ ଦେଉଛନ୍ତି। ହେଲେ ଟିପ୍ପର୍ ଓ ଟ୍ରାକ୍ଟର ମାଲିକଙ୍କୁ ଅନ୍ୟତ୍ର ପରିବହନ ପାଇଁ କୌଣସି ରୟାଲିଟି ରସିଦ୍ ମିଳୁନାହିଁ। ଫଳରେ ସେମାନେ ସରକାରୀ ନିୟମ ମୁତାବକ ଜିଏସଟି ବିଲ୍ ନେଇ ଅନ୍ୟତ୍ର ପରିବହନ କରିବାକୁ ବାଧ ହେଉଛନ୍ତି। ମାତ୍ର ତହସିଲଦାର୍ କିମ୍ବା ରାଜସ୍ୱ ବିଭାଗର କର୍ମଚାରୀ ଜିଏସଟିବିଲ୍‌ଥିବା ସତ୍ୱେ ରୟାଲିଟି ନ ଥିବା ଦର୍ଶାଇ ଅତ୍ୟଧିକ ଜରିମାନା ଆଦାୟ କରୁଥିବା ସଂଘ ଅଭିଯୋଗ କରିଛି। ଅନେକ ଉଚ୍ଚଶିକ୍ଷିତ ଯୁବକ ବ୍ୟାଙ୍କ ଓ ଘରୋଇ ସଂସ୍ଥାରୁ ଋଣ ନେଇ ଗାଡିଚଳାଉଥିବାବେଳେ ପ୍ରଶାସନର ଏପରି କାର୍ଯ୍ୟାନୁଷ୍ଠାନ ସେମାନଙ୍କୁ ଋଣ ପରିଶୋଧରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ସଂଘ ଅଧୀନରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଗାଡି ରହିଥିବାବେଳେ ଏହା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୫୦୦ ପରିବାର ଜୀବିକା ପାଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ପରିବହନ କରୁଥିବା ସବୁ ଗାଡି ମାଲିକଙ୍କୁ ରୟାଲିଟି ପେପର୍ ଦେଉ ନଚେତ୍ ପରିବହନ କରାଯାଉଥିବା ଲଘୁ ଖଣିଜ ପଦାର୍ଥର ସରକାରୀ କିଣାଦର ଅନୁଯାୟୀ ଜରିମାନା ଆଦାୟ କରାଯିବାକୁ ସଂଘ ଦାବି କରିଛି। ଏହି ସମସ୍ୟାର ଶୀଘ୍ର ସାମଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ ସଂଘ ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେବା ପରେ ସେମାନେ ବିକ୍ଷୋଭରୁ ଓହରିଥିଲେ।



ସେମିଳିଗୁଡା ଟିପ୍ପର୍ ଓ ଟ୍ରାକ୍ଟର ମାଲିକ ସଂଘ କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରିଛନ୍ତି।

**ଜରିମାନାକୁ ବିରୋଧ**

- ଅନ୍ୟତ୍ର ପରିବହନ ପାଇଁ କୌଣସି ରୟାଲଟି ରସିଦ୍ ମିଳୁନାହିଁ
- ଜିଏସଟି ବିଲ୍ ଥିବା ସତ୍ତ୍ୱେ ଜରିମାନା ଆଦୟ ହେଉଛି
- ଗାଡି କରିଥିବା ମାଲିକ ଋଣ ଶୁଝିପାରୁନାହାନ୍ତି

## ବଣ୍ଡା ଜନଜାତି ଶିଶୁଙ୍କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ


ବଣ୍ଡା ମହିଳାମାନେ ଏକତ୍ର ଭୋଜନ କରୁଛନ୍ତି ।

ମାଲକାନଗିରି,୨୭।୮(ଡି.ଏନ୍.ଏ.)

ବର୍ତ୍ତମାନ କରୋନାର ତୃତୀୟ ଲହର ବ୍ୟାପିବା ଆଶଙ୍କା କରାଯାଇ ଏଥିରେ ଶିଶୁମାନେ ବିଶେଷ ଭାବେ ଆକ୍ରାନ୍ତ ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ୧୦୦ରୁ ଉର୍ଦ୍ଧ୍ୱ ଶିଶୁ ଏହି ତୃତୀୟ ଲହରରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବଲାଙ୍ଗୀରରେ ଜଣେ ଶିଶୁଙ୍କ ମଧ କରୋନାରେ ମୃତ୍ୟୁ ହୋଇଥିବା ଖବର ମିଳିଛି। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟିରେ ବସବାସ କରୁଥିବା ବଣ୍ଡା ଜନଜାତିର ଶିଶୁମାନେ ଯେପରି ତୃତୀୟ ଲହର ସଂକ୍ରମଣରୁ ସୁରକ୍ଷା ପାଇପାରିବେ ସେନେଇ ସଚେତନତା କାର୍ଯ୍ୟକ୍ରମ ପରୋବର୍ତ୍ତନ ଏବଂ ମୋଡ ଅନୁଷ୍ଠାନ ପକ୍ଷରୁ କରାଯାଉଛି। ସାଧାରଣତଃ ଏହି ଜନଜାତିର ମହିଳାମାନେ ଓଡ଼ିଆ ଭାଷା ବୁଝିପାରୁ ନ ଥିବାରୁ ଏମାନଙ୍କୁ କିପରି ଏକତ୍ରିତ କରାଯିବ ସେଥିପାଇଁ ମୁଦୁଲିପଡ଼ା, ବଡ଼ିଗୁଡ଼ା, ବଣ୍ଡାଗୁଡ଼ା, ସିଲିଗୁଡ଼ା ଗ୍ରାମର ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମୁଦୁଲିପଡ଼ା ଅଣାଯାଇ ସେମାନଙ୍କୁ ସଚେତନ କରାଯାଇଛି। ସେମାନେ କିପରି ଶିଶୁମାନଙ୍କ ଯତ୍ନ ନେବେ, କରୋନା ନିୟମ ପାଳନ କରିବେ ସେ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। ବିଭିନ୍ନ ଗ୍ରାମରୁ ଆସିଥିବା ଏହି ମହିଳାମାନେ ଆଗାମୀ ଦିନରେ ଅନ୍ୟସବୁ ଗ୍ରାମକୁ ଯାଇ ନିଜ ଭାଷାରେ ଗ୍ରାମବାସୀଙ୍କୁ ବୁଝାଇବେ । ପିଲାମାନଙ୍କ ଯତ୍ନ ନେବାପାଇଁ ପରାମର୍ଶ ଦେବେ ବୋଲି ପରୋବର୍ତ୍ତନ ଅଧକ୍ଷ ସନ୍ତୋଷ ଶୁକ୍ଳା କହିଛନ୍ତି। କାର୍ଯ୍ୟକ୍ରମକୁ ବଣ୍ଡା ଯୁବକ ଘାସି ମୁଦୁଲି, ଶଙ୍କର ନାୟକ, ସାବିତ୍ରୀ ଶିଶା ପରିଚାଳନା କରିଥିଲେ।

## ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ନେଇ ବସିଲା ବୈଠକ

**ମାଲକାନଗିରି ଜିଲାର ପୋଷ୍ଟାଲ ଦୁର୍ନୀତି**

ଜୟପୁର,୨୭।୮(ନି.ପ୍ର.)

ମାଲକାନଗିରି ଜିଲାରେ ହୋଇଥିବା ପୋଷ୍ଟାଲ ଦୁର୍ନୀତି ସମ୍ପର୍କରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଭର୍ଚ୍ଚୁଆଲ ବୈଠକ ଜୟପୁରସ୍ଥିତ କୋରାପୁଟ ମଣ୍ଡଳ କାର୍ଯ୍ୟାଳୟରେ ହୋଇଛି। ଏଥିରେ ପୋଷ୍ଟାଲ ଡିଜି ଆଲୋକ ଶର୍ମା ଓ ବରିଷ୍ଠ ଡାକ ଅଧୀକ୍ଷକ ମନୋଜ ପ୍ରଗଡ଼ା ଉପସ୍ଥିତ ଥିଲେ । ମାଲକାନଗିରି ଜିଲାର ଲଛିପେଟା ପୋଷ୍ଟ ଅଫିସରେ ୯୩.୫ ଲକ୍ଷ ଟଙ୍କା, ବେଜାଙ୍ଗିଓ୍ୱାଡାରେ ୩୫ ଲକ୍ଷ, ମାଲକାନଗିରି କୋଲନୀ ପୋଷ୍ଟ ଅଫିସରେ ୧.୧୬ କୋଟିର ଦୁର୍ନୀତି ହୋଇଛି । ଘଟଣାର ସିବିଆଇ ତଦନ୍ତ ମଧ ଚାଲିଛି । ସମସ୍ତ ନିୟମ ପାଳନ ହେତୁ ତଦନ୍ତରେ ବିଳମ୍ବ ହେଉଛି ବୋଲି ପୋଷ୍ଟାଲ ଡିଜି କହିଥିଲେ। ଡାକ ଅଧୀକ୍ଷକ ପ୍ରଗଡ଼ା ତଦନ୍ତ ପରେ ଜମାକାରୀ ସେମାନଙ୍କ ଟଙ୍କା ନିଶ୍ଚୟ ଫେରିପାଇବେ ବୋଲି କହିଥିଲେ।

ଅଗଷ୍ଟ ୨୦୧୯ରୁ ଡିସେମ୍ବର ୨୦୨୦ ମଧରେ ହୋଇଥିବା ଏହି ଦୁର୍ନୀତି ନେଇ ବିଭାଗ ନୀରବ ରହିଥିଲା। ତେବେ ଗତ ଅଗଷ୍ଟ ୨୧ରେ ରେଳ ଓ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କୋରାପୁଟ ଜିଲା ଗସ୍ତରେ ଆସିଥିବା ବେଳେ ଜୟପୁରଠାରେ କେତେଜଣ ଜମାକାରୀ ତାଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ବୈଷ୍ଣବ ଜୟପୁରସ୍ଥିତ ମୁଖ୍ୟ ଡାକଘରକୁ ଯାଇ ଏହାର ସମୀକ୍ଷା କରି ଏ ଦିଗରେ ଖୋଳତାଡ଼ କରିଥିଲେ। କୋରାପୁଟ ଡିଭିଜନ ଦାୟିତ୍ୱରେ ଥିବା ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଷ୍ଟାଲ ଏସ୍‌ଏସ୍‌ପିଓ ତାରିଣୀ ଚରଣ ପାଢ଼ୀଙ୍କଠାରୁ ତଦନ୍ତ ନ ଆଗେଇବାର କାରଣ ପଚାରି ବୁଝିଥିଲେ। ମାସେ ଭିତରେ ତଦନ୍ତକରି ଏହାର ଅଗ୍ରଗତି ସମ୍ପର୍କରେ ତାଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇ ଫେରିଥିଲେ। ଏହାପରଠାରୁ ଏହି ଦୁର୍ନୀତିର ତଦନ୍ତ ପ୍ରକ୍ରିୟାରେ କିଛିଟା ଅଗ୍ରଗତି ହୋଇଛି। ଶୁକ୍ରବାର ଭର୍ଚ୍ଚୁଆଲ ବୈଠକ ବସିଛି। ସୂଚନାଯୋଗ୍ୟ, ଏହି ଦୁର୍ନୀତିର ତଦନ୍ତ ଲାଗି ବିଭାଗ ପକ୍ଷରୁ ୩ଟି ଟିମ୍ ଗଠନ ହୋଇଥିଲା। ଭେଜାଙ୍ଗଓ୍ୱାଡା ଦୁର୍ନୀତି ଘଟଣାରେ କାଲିମେଳା ବ୍ରାଞ୍ଚ ପୋଷ୍ଟମାଷ୍ଟର ଜେଲ ଯାଇଛନ୍ତି। ସବ୍ ପୋଷ୍ଟମାଷ୍ଟର ବିଶ୍ୱନାଥ ପଡିଆମି ନିଲମ୍ବିତ ହୋଇଛନ୍ତି । ଅନ୍ୟ ପୋଷ୍ଟ ଅଫିସ ଦୁର୍ନୀତି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ।

## ଶିଶୁ ଅଧିକାର, ସୁରକ୍ଷା ନେଇ ଜିଲାସ୍ତରୀୟ କର୍ମଶାଳା

କୋରାପୁଟ,୨୭।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସମ୍ମିଳନୀ ଗୃହରେ ଶୁକ୍ରବାର ଶିଶୁ ଅଧିକାର, ସୁରକ୍ଷା ଓ ପୋକସୋ ଆକ୍ଟ ସମ୍ପର୍କରେ ବ୍ୟାପକ ସଚେତନତା ନେଇ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ପିଇସିୟୁସି ଓ କୋରାପୁଟର ଏକତା ଅନୁଷ୍ଠାନର ମିଳିତ ସହଯୋଗରେ ହୋଇଥିବା ଏହି କର୍ମଶାଳାରେ ଶିଶୁ ମଙ୍ଗଳ କମିଟି ଅଧକ୍ଷା ଡ. ଗାୟତ୍ରୀ ଦେବୀ ଯୋଗଦେଇ ଶିଶୁମାନଙ୍କ ଅଧିକାର, ସୁରକ୍ଷା ଓ ପୋକ୍ସୋ ଆଇନ ଉପରେ ଆଲୋକପାତ କରି ଏହାର ଏହାର ମୁଖ୍ୟ ଉଦ୍ଦେଶ୍ୟ ନେଇ ଆଲୋଚନା କରିଥିଲେ। ଶିଶୁମାନଙ୍କ ସୁରକ୍ଷା ଏବଂ ତାଙ୍କୁ ସେମାନଙ୍କ ଅଧିକାର ଦେବାରେ ଗଣମାଧ୍ୟମ, ଜିଲା ଶିଶୁ ମଙ୍ଗଳ କମିଟି, ସେମାନଙ୍କ ଉପରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ରହିଲେ ଶିଶୁମାନଙ୍କ ସୁରକ୍ଷା ସମ୍ଭବ ବୋଲି ସେ ପ୍ରକାଶ କରିଥିଲେ। ଏକତା ଅନୁଷ୍ଠାନର ସଭାପତି ଦୁର୍ଗା ମହାନ୍ତି ଅଧକ୍ଷତା କରିଥିଲେ।

## ଜୈବିକ, ସମନ୍ୱିତ ରୋଗପୋକ ପରିଚାଳନା ନେଇ ତାଲିମ କାର୍ଯ୍ୟକ୍ରମ


ତାଲିମ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନେ ।

ଜୟପୁର,୨୭।୮(ନି.ପ୍ର.)

ଜୟପୁରସ୍ଥିତ ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ନୂଆଗୁଡ଼ା ଗ୍ରାମର କୃଷି ବିଦ୍ୟାଳୟଠାରେ ପ୍ରତ୍ୟେକ ଗ୍ରାମ ଜୈବିକ ଗ୍ରାମ ପ୍ରକଳ୍ପ ଅଧୀନରେ ଜୈବିକ ଓ ସମନ୍ୱିତ ରୋଗପୋକ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନ୍ଦୁରା ବ୍ଲକର ୯ଟି ଗ୍ରାମର ୩୦ ଜଣ ଚାଷୀ ଓ ପ୍ରକଳ୍ପର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତର କୃଷି ଅଧିକାରୀ ଗୀତାଞ୍ଜଳି ତ୍ରିପାଠୀ, ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନର ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପରିଡ଼ା ଉପସ୍ଥିତ ରହି ଜୈବିକ ପ୍ରଣାଳୀରେ ଚାଷ କଲେ କିପରି କମ୍ ଖର୍ଚ୍ଚ ଏବଂ ସ୍ୱାସ୍ଥ୍ୟ ପ୍ରତି ହିତକର ଶସ୍ୟ ଉତ୍ପାଦନ ହୋଇପାରିବ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଚାଷୀଙ୍କୁ ଜୈବିକ ସାର ପ୍ରସ୍ତୁତି, ଜୈବିକ କୀଟନାଶକ ପ୍ରସ୍ତୁତି କରିବା, ଏହାର ପରିଚାଳନା ତଥା ବ୍ୟବହାର ସମ୍ପର୍କରେ ଅଜିତ ସାହୁ ବୁଝାଇଥିଲେ। ରଞ୍ଜିତ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦଶହରା ସୁଦ୍ଧା କାମ ନ ହେଲେ ଆନ୍ଦୋଳନ ଚେତାବନୀ

**ସୀମାନ୍ତ ଅଞ୍ଚଳ ରାସ୍ତା ପ୍ରତି ବିଭାଗର ଅଣଦେଖା**

କୁନ୍ଦୁରା,୨୭।୮(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନରେ ଥିବା ସୀମାନ୍ତ ଅଞ୍ଚଳ କୁନ୍ଦୁରାଠାରୁ ରାଣୀଗୁଡା ଦେଇ କୋଟପାଡ ଯିବାକୁ ରହିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାସ୍ତା ମରଣଯନ୍ତା ପାଲଟିଲାଣି। କୁନ୍ଦୁରାଠାରୁ ବାଗଦେରି ପଞ୍ଚାୟତ ସଦର ମହକୁମା ଦେଇ ଯାଇଥିବା ଉକ୍ତ ରାସ୍ତା ଦୀର୍ଘ ଦିନ ହେଲା ଖାଲଖମାରେ ପୂରି ରହିଛି। ଏ ଦିଗରେ ପଦକ୍ଷେପ ନେଇ ରାସ୍ତା ତିଆରି କରିବା ପରିବର୍ତ୍ତେ ପ୍ରଶାସନ ଚୁପ୍ ରହିଛି। ଫଳରେ ଏହି ରାସ୍ତାରେ ଯାତାୟାତ ବେଳେ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୁନ୍ଦୁରା-ପଖନାଗୁଡ଼ା ରାସ୍ତାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏକ ପଥର କ୍ରଶର ରହିଛି। ପ୍ରତିଦିନ ଶତାଧିକ ଭାରିଯାନ ପଥର ବୋଝେଇ କରି ଯାତାୟାତ କରିବା ଯୋଗୁ ରାସ୍ତା ଆହୁରି ଶୋଚନୀୟ ହୋଇପଡୁଛି। ବର୍ଷାଦିନେ ଆଣ୍ଠୁଏ ଲେଖାଏ ପାଣି ରାସ୍ତାରେ ଜମୁଥିବା ଦେଖିବାକୁ ମିଳୁଛି। ବ୍ଲକରେ ବିଭାଗୀୟ କାର୍ଯ୍ୟାଳୟର କାର୍ଯ୍ୟରତ ଅଧିକାରୀ ଜଣକ ଜୟପୁରଠାରେ ରହୁଥିବାରୁ ଅଞ୍ଚଳର ଥିବା ରାସ୍ତାଗୁଡିକର ସ୍ଥିତି ପ୍ରତି ସେ ଉଦାସୀନ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାଣୀଗୁଡ଼ାଠାରୁ ୧ କି.ମି. ଦୂରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଉପରେ ଡ୍ରେନ୍ ଲାଇନ ରହିଛି। ତଳେ ଥିବା ରାସ୍ତାରେ ବର୍ଷା ହେଲେ ଯାତାୟାତ କରିବା କଷ୍ଟସାଧ ହୋଇପଡୁଛି। ରାସ୍ତା ଅବସ୍ଥା ଯୋଗୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମଧ ଡକାୟତି କରିବାରେ ପଛାଉନାହାନ୍ତି। ଦଶହରା ମଧରେ ରାସ୍ତା ନିର୍ମାଣ କାର୍ଯ୍ୟ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।


ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

## ଆଦିବାସୀଙ୍କ କଳା, ସଂସ୍କୃତିକୁ ଜୀବିତ ରଖିବ ମୁକ୍ତ ଆକାଶ ଶିକ୍ଷା କେନ୍ଦ୍ର

କୋରାପୁଟ,୨୭।୮(ସ୍ୱ.ପ୍ର.)

ଆଦିବାସୀଙ୍କ କଳା ଓ ସଂସ୍କୃତିକୁ ଜୀବିତ ରଖିବ ମୁକ୍ତ ଆକାଶ ଶିକ୍ଷା କେନ୍ଦ୍ର। ଏବେ ଆଧୁନିକ ସମୟ ଆଳରେ ଆଦିବାସୀ ସଂସ୍କୃତି ଓ ପରମ୍ପରା ଧୀରେ ଧୀରେ ଅବକ୍ଷୟ ଏବଂ ହ୍ରାସ ପାଇବାରେ ଲାଗିଛି। ଲିଡସ ଓ ଏକତା ଅନୁଷ୍ଠାନ ମିଳିତ ଭାବରେ ଆଦିବାସୀ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ଦିଗରେ ପ୍ରୟାସ ଆରମ୍ଭ କରିଛନ୍ତି। ଆଦିବାସୀ ସଂସ୍କୃତିକୁ ବଞ୍ଚାଇ ରଖି ଏହାର ପ୍ରସାର ଲାଗି ଏକ ମୁକ୍ତ ଆକାଶ ଶିକ୍ଷା କେନ୍ଦ୍ର ବ୍ୟବସ୍ଥା କୋରାପୁଟ ଜିଲାରେ ଆରମ୍ଭ କରିଛନ୍ତି ଏହି ଦୁଇସଂସ୍ଥା। ଏହି ଶିକ୍ଷାକେନ୍ଦ୍ର ମାଧ୍ୟମରେ ପିଲାଙ୍କୁ ନେଇ ଗ୍ରାମର ବୟସ୍କ ତଥା ଅଭିଭାବକଙ୍କ ଦ୍ୱାରା ଆଦିବାସୀ ନାଚ ଗୀତ, ଗପ, ଚାଷ ଶୈଳୀ, ବାଦ୍ୟଯନ୍ତ୍ର, ଜଙ୍ଗଲ, ପାହାଡ ଓ ଦେବା ଦେବୀଙ୍କ ସମ୍ପର୍କରେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଶୁକ୍ରବାର ଜିଲାର ଦଶମନ୍ତପୁର ବ୍ଲକର ଗାଦିଆଗୁଡାଠାରେ ଲିଡସ ଓ ଏକତା ମିଳିତ ସହଯୋଗରେ ଅଭିଭାବକ ଓ ପିଲାମାନଙ୍କୁ ନେଇ ଏହି ମୁକ୍ତ ଆକାଶ ଶିକ୍ଷା କେନ୍ଦ୍ର ବ୍ୟବସ୍ଥା କରିଛନ୍ତି। ବର୍ତ୍ତମାନ କୋରାପୁଟ ଜିଲାର କୋରାପୁଟ ଓ ଦଶମନ୍ତପୁର ୨ଟି ବ୍ଲକର ୮ଟି ଗ୍ରାମରେ ଏହି କେନ୍ଦ୍ର କାର୍ଯ୍ୟ କରୁଛି। ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟକ୍ରମ ଜିଲାର ଅନ୍ୟସବୁ ଗ୍ରାମରେ ଆରମ୍ଭ କରାଯିବା ଲକ୍ଷ୍ୟ ରହିଛି ବୋଲି ପ୍ରକଳ୍ପ ସଂଯୋଜକ ରାଜେଶ କୁମାର ସାହୁ କହିଛନ୍ତି।



ଦଶମନ୍ତପୁରରେ ହୋଇଥିବା ମୁକ୍ତ ଆକାଶ ଶିକ୍ଷା କେନ୍ଦ୍ର।

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ କଂଗ୍ରେସ, ବିଜେଡିର କର୍ମୀ ସମ୍ମିଳନୀ

ପଟ୍ଟାଙ୍ଗୀ,୨୭।୮(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଉ କିଛି ମାସ ବାକି ଥିବା ବେଳେ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଦେଖା ଦେଇଛି ତତ୍ପରତା। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପେଟୁ ପଞ୍ଚାୟତର ଆଡାତିଗା ଗ୍ରାମରେ ଶୁକ୍ରବାର କଂଗ୍ରେସ ଏବଂ ପେଟୁ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଆଡାତିଗା ଗ୍ରାମରେ ହୋଇଥିବା କଂଗ୍ରେସର କର୍ମୀ ସମ୍ମିଳନୀରେ ପଞ୍ଚାୟତର ସଭାପତି ମଜେସ ଗାଣ୍ଡେରି ଅଧକ୍ଷତା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ବ୍ଲକ କଂଗ୍ରେସ ସଭାପତି ଅର୍ଜୁନ ବାଙ୍କା , ପେଟୁ ସରପଞ୍ଚ ସିନ୍ଦେରି ଆପାନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା, ସେବା ଦଳର ଗୋବିନ୍ଦ ଖରା ଏବଂ ରାଜ୍ୟ ପ୍ରଦେଶ ଯୁବ କଂଗ୍ରେସ କମିଟି ସମ୍ପାଦକ ଗୁପ୍ତ ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ପଞ୍ଚାୟତରୁଆସିଥିବା କର୍ମୀଙ୍କୁ ମନାନ୍ତର ଭୁଲି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଦଳକୁ କିପରି ସଫଳତା ମିଳିବ ଏବଂ ଓ୍ୱାର୍ଡସଭ୍ୟଠାରୁ ଆରମ୍ଭ କରି ପଞ୍ଚାୟତ ସ୍ତରରେ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ବିଜୟୀ ହେବେ ନେଇ ଆଲୋଚନା ହୋଇଥିଲା। ଏହି ସମୟରେ କେତେକ କର୍ମୀ ଏବଂ ପଞ୍ଚାୟତ ସ୍ତରର ସଙ୍ଗଠକମାନେ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରାର୍ଥୀଙ୍କୁ ଦଳର ଯେଉଁ ରାଜନେତାମାନେ ସହଯୋଗ କରିଥିବେ ଆମେ ତାଙ୍କ ପାଇଁ ସାଧାରଣ ନିର୍ବାଚନ ସମୟରେ ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଦଳର ପୂର୍ବତନ ବ୍ଲକ ଅଧକ୍ଷା ବିମଳା ପାଙ୍ଗି, ଜିଲା ପରିଷଦ ସଦସ୍ୟା ସଙ୍ଗୀତା ଗାଣ୍ଡେରି, ସୁରେଶ ରୁଢ଼ି, ହରି ଗାଣ୍ଡେରି, ପୂର୍ବତନ ସମିତିସଭ୍ୟ ଗୋବିନ୍ଦ ସାରା, ଜଗତରାଏ ଖରା, ବଡ଼ା ପ୍ରସାଦ, ସମ୍ପାଇ ସରପଞ୍ଚ ପିଲକ ଗୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡ ଛାଡି ନିକଟରେ କଂଗ୍ରେସରେ ଯୋଗ ଦେଇଥିବା ପେଟୁ ପଞ୍ଚାୟତ ମାଦିପାଡୁ ଗ୍ରାମର ବିସାଲ ପାଙ୍ଗି ଏବଂ ସୁଙ୍କି ଗ୍ରାମ ଆଦିବାସୀ ସାହିର ସୁଲି ବାଇଡିଙ୍କୁ କର୍ମୀମାନେ ସ୍ୱାଗତ କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସର ଏପରି କର୍ମୀ ସମ୍ମିଳନୀ କାର୍ଯ୍ୟକ୍ରମକୁ ଦେଖି ପଛରେ ପଡିନାହିଁ ବିଜେଡି। ଉକ୍ତ ଦଳ ପକ୍ଷରୁ ପେଟୁ ପଞ୍ଚାୟତର ହାଇସ୍କୁଲ ନିକଟରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପିତମ ପାଢ଼ୀ ଓ କୋରାପୁଟ ବିଧାୟକ ରଘୁରାମ ପଡାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ କର୍ମୀଙ୍କୁ ପଞ୍ଚାୟତ ନିର୍ବଚନ ପାଇଁ ଦିଗଦର୍ଶନ ଦେଇଛନ୍ତି।


କଂଗ୍ରେସ ପକ୍ଷରୁ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀ।

## ଉନ୍ନୟନ କାର୍ଯ୍ୟାଳୟ ଘେରିଲେ ବଣ୍ଡା, ଦିଦାୟୀ ଯୁବକ

କୁଡୁମୁଲୁଗୁମ୍ମା,୨୭।୮(ଡି.ଏନ୍.ଏ.)

ନିଯୁକ୍ତି ଦାବିରେ ଶୁକ୍ରବାର ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ାର ବଣ୍ଡା ଉନ୍ନୟନ କାର୍ଯ୍ୟାଳୟ ଓ କୁଡୁମୁଲୁଗୁମ୍ମାସ୍ଥିତ ଦିଦାୟୀ ଉନ୍ନୟନ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି ବଣ୍ଡା ଓ ଦିଦାୟୀ ସମ୍ପ୍ରଦାୟର କେତେଜଣ ଯୁବକ। ବଣ୍ଡା ଓ ଦିଦାୟୀ ସମ୍ପ୍ରଦାୟର ଯୁବତୀଯୁବକଙ୍କ ପାଇଁ ପୋଷଣ ସହାୟକ ପଦବୀରେ ନିଯୁକ୍ତି ଲାଗି ନିକଟରେ ବିଜ୍ଞାପନ ବାହାରିଥିଲା। ମାତ୍ର ଏହି ସମ୍ପ୍ରଦାୟର ବହୁ ଆଶାୟୀଙ୍କୁ ଦିଦାୟୀ ଉନ୍ନୟନ ସଂସ୍ଥା କର୍ତ୍ତୃପକ୍ଷ ସାକ୍ଷାତ୍‌କାରରୁ ବଞ୍ଚିତ କରିଛନ୍ତି। କର୍ତ୍ତୃପକ୍ଷ ନିଜ ଇଚ୍ଛାରେ ନିଯୁକ୍ତି କରୁଥିବା ସମ୍ପୃକ୍ତ ଯୁବକମାନେ ଅଭିଯୋଗ କରିଛନ୍ତି। ଏହି ଦୁଇ ସଂସ୍ଥାରେ ଏଯାଏ ଯେଉଁମାନେ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧରେ ଜଣେ ହେଲେ ବଣ୍ଡା ଓ ଦିଦାୟୀ ଜନଜାତିର ପ୍ରାର୍ଥୀ ନିଯୁକ୍ତି ପାଇନାହାନ୍ତି। ଏହି ବଣ୍ଡା ଯୁବକମାନେ ମୁଦୁଲିପଡ଼ା ବଣ୍ଡା ଉନ୍ନୟନ କାର୍ଯ୍ୟାଳୟକୁ ଯାଇଥିବା ବେଳେ ସେଠାରେ କେହି ନ ଥିବା ଦେଖି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ବଣ୍ଡା,ଦିଦାୟୀ ଉନ୍ନୟନ ସଂସ୍ଥା ଦ୍ୱାରା କରାଯାଉଥିବା ନିଯୁକ୍ତିରେ ସେମାନଙ୍କ ପାଇଁ ସଂରକ୍ଷଣ ସୁନିଶ୍ଚିତ କରିବା ଦାବିରେ ସେମାନେ ଏକ ଦାବିପତ୍ର ଦେଇଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ ମାଧ୍ୟମରେ ମଧ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିବା ସଂଘ ସମ୍ପାଦକ ସମରା ଶିଷା ପ୍ରକାଶ କରିଛନ୍ତି। ଯେ ପର୍ଯ୍ୟନ୍ତ ସରକାର ସେମାନଙ୍କ ଦାବି ଉପରେ ପଦକ୍ଷେପ ଗ୍ରହଣ କରିନାହାନ୍ତି ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଯୁବକମାନେ ସୂଚନା ଦେଇଛନ୍ତି। ଦିଦାୟୀ ଏସ୍‌ଓ ଆଶିଷ କୁମାର ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ ନୀତିନିୟମ ଅନୁସାରେ ଶୁକ୍ରବାର ଇଣ୍ଟରଭ୍ୟୁ କରାଯାଇଥିଲା। ମାତ୍ର ଅଭିଜ୍ଞତା ପ୍ରମାଣପତ୍ର ନ ଥିବାରୁ ବହୁ ପ୍ରାର୍ଥୀଙ୍କ ଆବେଦନକୁ ଖାରଜ କରାଯାଇଛି। ଦିଦାୟୀ ଯୁବକ ସମାଜ ପକ୍ଷରୁ ଏକ ଦାବିପତ୍ର ସେ ପାଇଛନ୍ତି। ଏହାକୁ ଜିଲା ପ୍ରଶାସନ ନିକଟକୁ ପଠାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଦିଦାୟୀ ଯୁବକମାନଙ୍କ ବିରୋଧ ଯୋଗୁ ଇଣ୍ଟରଭ୍ୟୁ ବାଧାପ୍ରାପ୍ତ ହୋଇଛି।


ବଣ୍ଡା ଯୁବକମାନେ ମୁଦୁଲିପଡ଼ା ବଣ୍ଡା ଉନ୍ନୟନ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି।

